# ବ୍ରହ୍ମପୁର ମହାନଗର ନିଗମ

ସଂଖ୍ୟା ...୧୧୬୨୧.../D-I-II-1/2025 ତାରିଖ. ୦୮.୦୮.୨୫

## ନିଲାମ ବିଜ୍ଞାପନ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ରହ୍ମପୁର ସହରାଞ୍ଚଳ ମଧ୍ୟରେ ଆସ୍କାରୋଡ଼ ସ୍ଥିତ ଛେଳିକଟା ଗୃହ ଫିଜ୍ ନିଲାମ ସକାଶେ ଇଚ୍ଛୁକ ବ୍ୟକ୍ତି / ସଂସ୍ଥାମାନଙ୍କ ଠାରୁ ଟେଣ୍ଡର ଆହ୍ୱାନ କରାଯାଉଛି । ଏହାର ନିର୍ଦ୍ଧାରିତ **ଦର (ଅଫସଟ୍ ମୂଲ୍ୟ) ଟ. ୭,୩୫,୬୭୫/-ଙ୍କା** । ଇଚ୍ଛୁକ ବ୍ୟକ୍ତି / ସଂସ୍ଥାମାନେ **ଆସନ୍ତା ତା. ୧୯/୦୮/୨୦୨୫ରିଖ ସମୟ ମଧ୍ୟାହ୍ନ ଘ.୨.୦୦ଟିକା** ମଧ୍ୟରେ ନିମ୍ନ ସ୍ୱାକ୍ଷର ଅଧିକାରୀଙ୍କ କାର୍ଯ୍ୟାଳୟକୁ ରେଜେଷ୍ଟ୍ରୀ ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପ୍ରେରଣ କରିପାରିବେ । ଯେଉଁ ବ୍ୟକ୍ତି / ସଂସ୍ଥାମାନେ ଉକ୍ତ ଟେଣ୍ଡର ପ୍ରେରଣ କରିବେ ତାହା ସହିତ **୧. ଟ୍ରେଡ୍ ଲାଇସେନ୍ସ, ୨. ଫୁଡ୍ ଲାଇସେନ୍ସ, ୩. ବିଡ୍ ମୁଲ୍ୟ ଟ. ୪୭୨୦/-ଙ୍କା (ଫେରସ୍ତଯୋଗ୍ୟ ନୁହେଁ) ଏବଂ ୪. ପ୍ରତିଭୂତି ଅମାନତ (ସିକ୍ୟୁରିଟି ଡ଼ିପୋଜିଟ୍) ଟ. ୭୩୫୭/- ଙ୍କା (ଅଫସେଟ୍ ମୂଲ୍ୟ ର ୧% ପ୍ରତିଶତ) ଡ଼ିମାଣ୍ଡ ଡ୍ରାଫ୍ଟ (ବିନା ସୁଧ ଅମାନତ) ଆୟୁକ୍ତ, ବ୍ରହ୍ମପୁର ମହାନଗର ନିଗମଙ୍କ ନାମରେ ସଂଲଗ୍ନ କରିବେ** । ଡ଼ିମାଣ୍ଡ ଡ୍ରାଫ୍ଟ ଦାଖଲ କରିନଥିବା ଟେଣ୍ଡର ଅଗ୍ରାହ୍ୟ ହେବ । ଟେଣ୍ଡର କଭରର ଶୀର୍ଷରେ ଛେଳିକଟା ଗୃହ ସକାଶେ ଟେଣ୍ଡର ବୋଲି ଲିପିବଦ୍ଧ କରିବେ । ଉକ୍ତ **ଟେଣ୍ଡର ତା. ୧୯/୦୮/୨୦୨୫ ରିଖ ସମୟ ଅପରାହ୍ନ ଘ.୫.୦୦ଟିକା** ସମୟରେ ଖୋଲାଯିବ । ଏଣୁ ସେହି ସମୟରେ ଟେଣ୍ଡରଧାରୀ ବା କ୍ଷମତା ପ୍ରାପ୍ତ ଏଜେଣ୍ଟମାନେ ମହାନଗର ନିଗମ କାର୍ଯ୍ୟାଳୟରେ ଉପସ୍ଥିତ ରହିପାରିବେ । ଅସଂପୂର୍ଣ୍ଣ ଥିବା ଟେଣ୍ଡର ରଦ୍ଦ କରାଯିବ । ଯାହାର ନାମରେ ଟେଣ୍ଡର କାଏମ୍ ହେବ ସେହିବ୍ୟକ୍ତି କାଏମ୍ ଟେଣ୍ଡର ଦରର ୫୦% ପ୍ରତିଶତ ଭାଗ ନିଗମ ଟ୍ରେଜେରୀରେ ଜମାକରି ମହାନଗର ନିଗମ ଧାର୍ଯ୍ୟ କରିଥିବା ସମସ୍ତ ସର୍ତ୍ତାବଳୀ ଚୁକ୍ତିନାମା ଏହି କାର୍ଯ୍ୟାଳୟ ଆଦେଶନାମା ଜାରୀ ହେବାର ସପ୍ତାହକ ମଧ୍ୟରେ ଷ୍ଟାମ୍ପ ପେପରରେ କରିବେ । ଅବଶିଷ୍ଟ ଶତକଡ଼ା ୫୦ ଭାଗ ମଧ୍ୟରୁ ପ୍ରତି ମାସରେ ଶତକଡ଼ା ୧୦ ଭାଗ ହିସାବରେ ୫ ମାସ ମଧ୍ୟରେ ସମସ୍ତ ଦେୟ ଜମାଦେବାକୁ ପଡ଼ିବ । କୌଣସି କାରଣ ନଦର୍ଶାଇ ଟେଣ୍ଡର ଗ୍ରହଣ / ଖାରଜ / ସ୍ଥଗିତ ସମସ୍ତ ଅଧିକାର ନିମ୍ନ ସ୍ୱାକ୍ଷର ଅଧିକାରୀଙ୍କ ଠାରେ ନ୍ୟସ୍ତ ରହିଛି । ସର୍ତ୍ତାବଳୀ ଖିଲାପ କଲେ ଜମା ଦେଇଥିବା ପ୍ରତିଭୂତି ଅମାନତ ବ୍ୟାଜ୍ୟାପ୍ତି କରି ପୁନଃ ଟେଣ୍ଡର ମଧ କରାଯିବ ।

| ଟେଣ୍ଡରର ନାମ | ବାର୍ଷିକ ନିର୍ଦ୍ଧାରିକ ଦର | ଲାଇସେନ୍ସ ମିଆଦି |
|---|---|---|
| ଛେଳିକଟା ଗୃହ | ଟ. ୭,୩୫,୬୬୫/-ଙ୍କା | ଏକବର୍ଷ |

ଆୟୁକ୍ତ

ବ୍ରହ୍ମପୁର ମହାନଗରର ନିଗମ

ଜ୍ଞାପକ ସଂଖ୍ୟା. ୧୧୬୨୨ ତାରିଖ. ୦୮.୦୮.୨୫

ଏହର ଏକକିତା ନକଲ ମହାନଗରର ନିଗମ ବିଜ୍ଞାପନ ଫଳକରେ ଲଟକା ଗଲା ।

ଆୟୁକ୍ତ

ବ୍ରହ୍ମପୁର ମହାନଗରର ନିଗମ

ଜ୍ଞାପକ ସଂଖ୍ୟା. ୧୧୬୨୩ ତାରିଖ. ୦୮.୦୮.୨୫

ଏହର ଏକକିତା ନକଲ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର / ଉପ-ଜିଲ୍ଲାପାଳ, ବ୍ରହ୍ମପୁର / ତହସିଲଦାର, ବ୍ରହ୍ମପୁରଙ୍କ ଗୋଚରାର୍ଥେ ଓ ନିଜ ନିଜ ବିଜ୍ଞାପନ ଫଳକରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଆୟୁକ୍ତ

ବ୍ରହ୍ମପୁର ମହାନଗରର ନିଗମ

ଜ୍ଞାପକ ସଂଖ୍ୟା. ୧୧୬୨୪ ତାରିଖ. ୦୮.୦୮.୨୫

ଏହର ଏକକିତା ନକଲ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ସ୍ଥାନୀୟ ଦୁଇଗୋଟି ଦୈନିକ ଓଡ଼ିଆ ଖବର କାଗଜରେ ଏକ ଦିନ ପାଇଁ ପ୍ରକାଶ କରିବା ନିମନ୍ତେ ଅନୁରୋଧ କରାଗଲା।

ଆୟୁକ୍ତ

ବ୍ରହ୍ମପୁର ମହାନଗରର ନିଗମ